আশারফি সিং

বনাম

কপিলদেও রায় (মৃত) এবং অন্যমানে

সেপ্টেম্বর 19, 2006

[ড়াঃ এ. আর্. লক্ষ্মণন এবং এ. কে. মাথুর, ন্যায়মূর্ত্তিদ্বয়]

*জমি আইন:*

*বিহার চকবন্দী এবং বিখণ্ডন নিবারণ অধিনিয়ম, 1956-- ধারা 2 (9), 5-- অধিসূচনা পরে এবং চকবন্দী প্রক্রিয়া সমাপ্ত হেবা পরে ক্রয় করাযাইথিবা জমি-- ক্রেতাঙ্ক মামলা এহা যে অধিসূচনা দ্বারা জমি, পাটনা আঞ্চলিক বিকাশ কর্তৃপক্ষঙ্ক অধিকারিতা ক্ষেত্র মধ্যকু আসিছি, তেণু 1956 অধিনিয়ম প্রযোজ্য নুহেঁ-- নির্ণয় হোইছি: যেহেতু জমির সংজ্ঞা গুরুত্বপূর্ণ এবং ব্যাপক অটে, 1956 অধিনিয়ম প্রযোজ্য হোইথাএ-- জমি হস্তান্তর পাইঁ মঞ্জুরি অনুমোদন, চকবন্দী যোজনা অধীনস্থ অধিকার এবং দায়িত্বর বিষয় অটে ।*

এহা আবেদনকারীঙ্ক মামলা থিলা যে সে 1983 মসিহারে নির্দ্দিষ্ট জমি কিণিথিলে, যাহা 1978 র অধিসূচনা দ্বারা ক্রয় করিবা পূর্বরু পাটনা আঞ্চলিক বিকাশ কর্তৃপক্ষঙ্ক অধিকারিতা ক্ষেত্র মধ্যরে আসিথিলা, এবং এহিপরি জমি বিহার চকবন্দী এবং বিখণ্ডন নিবারণ অধিনিয়ম 1956 মধ্যরে আসি নথিলা । উভয় উচ্চ ন্যায়ালয়র একক বিচারপতি এবং দুইজণিআ খণ্ডপীঠ এহি মামলাকু খারজ করিদেইথিলে । তেণু, বর্ত্তমানর আবেদন ।

এহি আবেদনকু খারজ করি, ন্যায়ালয় নির্ণয় নেইছন্তি যে:

1.1. বিহার চকবন্দী এবং বিখণ্ডন নিবারণ অধিনিয়ম, 1956রে ধারা 2 (9) গুরুত্বপূর্ণ এবং ব্যাপক ভাষারে বর্ণ্ণিত রহিছি । এহা "জমি" কু ব্যাখ্যা করে যাহার অর্থ হেউছি কৃষি জমি এবং এথিরে উদ্যান কৃষি জমি, খরৌর জমি, বাউঁশ গুচ্ছ থিবা জমি, চারণ ভূমি, চাষ যোগ্য পতিত জমি, ঘরবারি, পোখরী, কূঅ এবং জল-নালি অন্তর্ভুক্ত । অধিনিয়মর ধারা 5 অত্যন্ত স্বষ্ট অটে । হস্তান্তর কিম্বা বিভাজন এপরি ক্ষেত্র সম্বন্ধরে চকবন্দী যোজনা অধীনরে থিবা সর্ত্ত সহিত জড়িত অধিকার এবং দায়িত্ব উপরে নির্ভর করিব । বর্ত্তমান মামলারে, অধিসূচনা পরে আবেদনকারীঙ্ক সপক্ষরে বিক্রয় করাযাইথিলা এবং চকবন্দী প্রক্রিয়া 10.1.1975 এবং 20.2.1975 রে সমাপ্ত হোইথিলা । তেণু, উচ্চ ন্যায়ালয়র একক বিচারপতিঙ্ক দ্বারা পারিত আদেশকু সমর্থন করি উচ্চ ন্যায়ালয়র দুইজণিআ খণ্ডপীঠ দ্বারা পারিত আদেশরে কৌণসি আইনগত দুর্বলতা নাহিঁ যে চকবন্দী অধিনিয়ম প্রযোজ্য হেব ।

*মির্জা সুলেমান বেগ এবং অন্যমানে বনাম হরিহর মহতো এবং অন্যমানে,* **[1985] 33 বিহার আইন জর্ণ্ণাল রিপোর্ট 585, মামলাকু উল্লেখ করাযাইছি ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 1364/1999 ତା 30.11.1998 ରିଖରେ ପାଟନା ଉଚ୍ଚ ନ୍ୟାୟାଳୟର ଏଲ୍. ପି. ଏ. ସଂଖ୍ୟା 821/1998 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଅଖିଳେଶ କୁମାର ପାଣ୍ଡେ ଏବଂ ସୁଧାଂଶୁ ସରନ, ଆବେଦନକାରୀ ପାଇଁ ।

ଲକ୍ଷ୍ମୀ ରମଣ ସିଂହ, ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଡ଼ାଃ ଏଆର. ଲକ୍ଷ୍ମଣନଙ୍କ ଦ୍ୱାରା** । ଉଭୟ ପକ୍ଷ ତରଫରୁ ଉପସ୍ଥିତ ଥିବା ବିଦ୍ୱାନ ଓକିଲଙ୍କୁ ଶୁଣାଯାଇଛି ।

ଆବେଦନକାରୀଙ୍କ ଓକିଲ ଉଚ୍ଚ ନ୍ୟାୟାଳୟରେ କେବଳ ଗୋଟିଏ ଯୁକ୍ତି ଉପସ୍ଥାପନ କରିଥିଲେ ଯେ ଉକ୍ତ ଜମି ବିହାର ଚକବନ୍ଦୀ ଏବଂ ବିଖଣ୍ଡନ ନିବାରଣ ଅଧିନିୟମ 1956 (ସଂକ୍ଷେପରେ 'ଅଧିନିୟମ') ର ବ୍ୟବସ୍ଥା ମଧ୍ୟରେ ଆସେ ନାହିଁ, ଯେହେତୁ ତା 12.01. 1983 ରିଖରେ ଆବେଦନକାରୀ ପଞ୍ଜୀକୃତ ବିକ୍ରି ଦଲିଲ ମାଧ୍ୟମରେ ଉକ୍ତ ଜମି କିଣିଥିଲେ । ଏବଂ ତା 09.01. 1978 ରିଖର ବିଜ୍ଞପ୍ତି ଦ୍ୱାରା, ଯେଉଁ ଗ୍ରାମରେ ଏହି ଜମି ରହିଛି, ତାହା ପାଟନା ଆଞ୍ଚଳିକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ ଆସିଛି ଏବଂ ସେଥିପାଇଁ, ବିହାର ଚକବନ୍ଦୀ ଏବଂ ବିଖଣ୍ଡନ ନିବାରଣ ଅଧିନିୟମ, 1956ରେ କୌଣସି ପ୍ରଯୋଜ୍ୟ ନାହିଁ । ଆମ ସମ୍ମୁଖରେ ଥିବା ଆବେଦନକାରୀଙ୍କ ବିଦ୍ୱାନ ଓକିଲ ଉକ୍ତ ଯୁକ୍ତିକୁ ଦୋହରାଇଥିଲେ । ଆମ ମତରେ ଉକ୍ତ ଯୁକ୍ତିର କୌଣସି ଦୃଢତା ନାହିଁ । ବିହାର ଚକବନ୍ଦୀ ଏବଂ ବିଖଣ୍ଡନ ନିବାରଣ ଅଧିନିୟମ, 1956 ର ଧାରା 2 (9) "ଜମି" କୁ ବ୍ୟାଖ୍ୟା କରେ ଯାହାର ଅର୍ଥ ହେଉଛି କୃଷି ଜମି ଏବଂ ଏଥିରେ ଉଦ୍ୟାନ କୃଷି ଜମି, ଖରୌର ଜମି, ବାଉଁଶ ଗୁଛ ଥିବା ଜମି, ଚାରଣ ଭୂମି, ଚାଷ ଯୋଗ୍ୟ ପତିତ ଜମି, ଘରବାରି, ଟ୍ୟାଙ୍କ, କୂଅ ଏବଂ ଜଳ-ନାଳି ଅନ୍ତର୍ଭୁକ୍ତ । ଏହି ଅଧିନିୟମର ଧାରା 2 (9) ରେ "ଜମି" ର ସଂଜ୍ଞା ପାଟନା ହାଇକୋର୍ଟ ଦ୍ୱାରା ମିର୍ଜା ସୁଲେମାନ ବେଗ ଏବଂ ଅନ୍ୟମାନେ ବନାମ ହରିହର ମହତୋ ଏବଂ ଅନ୍ୟମାନେ ମାମଲାରେ ବିଚାର କରାଯାଇଥିଲା, ଯାହା (1985) 33 ବିହାର ଲ ଜର୍ଣ୍ଣାଲ ରିପୋର୍ଟ 585 ରେ ରିପୋର୍ଟ କରାଯାଇଥିଲା । ବିଚାରପୀଠ ଏହା ମଧ୍ୟ ମତ ରଖିଥିଲେ ଯେ ଏହି ଜମିକୁ ପ୍ରକୃତରେ ସମ୍ପୂର୍ଣ୍ଣ ଭାବେ କୃଷି ଜମି ହେବା ପର୍ଯ୍ୟନ୍ତ ସୀମିତ ରଖିବା, ବାସ୍ତବରେ, ଏହାକୁ ସେହି ବିଷୟ ଏବଂ ବସ୍ତୁ ପର୍ଯ୍ୟନ୍ତ ସମ୍ପ୍ରସାରିତ କରିଥାଏ, ଯାହାକୁ ସମ୍ପୂର୍ଣ୍ଣ ଭାବେ 'କୃଷି ଜମି' ବୋଲି ଚିହ୍ନିତ କରାଯାଇପାରିବ ନାହିଁ-- ଉଦାହରଣ ସ୍ୱରୂପ, ଏଥିରେ 'ଘରବାରି' ଜମି ଅନ୍ତର୍ଭୁକ୍ତ, ଏବଂ,  ଏକ ଘରବାରି ଜମି, କଠୋର ଭାବରେ ଏକ କୃଷି ଜମି ନଥିଲା । ଆମ ମତରେ, ଏହି ଅଧିନିୟମର ଧାରା 2 (9) ଗୁରୁତ୍ୱପୂର୍ଣ୍ଣ ଏବଂ ବ୍ୟାପକ ଭାଷାରେ ପ୍ରକାଶିତ ହୋଇଛି ।

ତେଣୁ, ଆମର ମତ ହେଉଛି ଯେ ବିଦ୍ୱାନ ଏକକ ବିଚାରପତିଙ୍କ ଦ୍ୱାରା ପାରିତ ଆଦେଶକୁ ନିଶ୍ଚିତ କରି ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ପାରିତ ଆଦେଶରେ କୌଣସି ଆଇନଗତ ଦୁର୍ବଳତା ନାହିଁ ।

ବର୍ତ୍ତମାନ ମାମଲାରେ, ତା 26.11.1970 ରିଖରେ ଅଧିସୂଚନା ଜାରି କରାଯାଇଥିଲା ।ଏହି ଅଧିନିୟମର ଧାରା 5 ଅନୁଯାୟୀ ବିନା ମଞ୍ଜୁରିରେ ଜମି ହସ୍ତାନ୍ତର କରାଯାଇପାରିବ ନାହିଁ ।ଏହି ଧାରାକୁ ନିମ୍ନମତେ ପାଠ କରାଯାଏ: -

"5. ବିନା ମଞ୍ଜୁରୀରେ ଜମି ହସ୍ତାନ୍ତର କରାଯିବ ନାହିଁ --ଧାରା 3 ଅନୁଯାୟୀ ଅଧିସୂଚନା ପ୍ରକାଶ ପାଇବା ଦିନଠାରୁ ଆରମ୍ଭ କରି କୌଣସି ଅଧିସୂଚିତ ଅଞ୍ଚଳରେ ଯଦି ଏହି ଯୋଜନା କାର୍ଯ୍ୟକ୍ଷମ ହୁଏ, ସେହି ତାରିଖ ପର୍ଯ୍ୟନ୍ତ, ଚକବନ୍ଦୀ

ଅଧିକାରୀଙ୍କ ପୂର୍ବ ମଞ୍ଜୁରି ବ୍ୟତୀତ ବ୍ୟକ୍ତିଗତ ଭାବେ କୌଣସି ଜମି ହସ୍ତାନ୍ତର କିମ୍ବା ବିଭାଜନ କରାଯିବ ଏବଂ ଯଦି ମଞ୍ଜୁରିକୁ ଅନୁମୋଦନ କରାଯାଏ, ତେବେ ହସ୍ତାନ୍ତର କିମ୍ବା ବିଭାଜନ, ଯଥାସ୍ଥିତି କ୍ଷେତ୍ର ସମ୍ବନ୍ଧରେ ଚକବନ୍ଦୀ ଯୋଜନା ଅଧୀନରେ ବଶବର୍ତ୍ତୀ ଥିବା ଅଧିକାର ଏବଂ ଦାୟିତ୍ୱର ବିଷୟ ହେବ ।"

ଏହି ଧାରାଟି ଅତି ସ୍ୱଷ୍ଟ । ହସ୍ତାନ୍ତର କିମ୍ବା ବିଭାଜନ, ଯଥାସ୍ଥିତି ସମ୍ବନ୍ଧରେ ଚକବନ୍ଦୀ ଯୋଜନା ଅଧୀନରେ ବଶବର୍ତ୍ତୀ ଥିବା ଅଧିକାର ଏବଂ ଦାୟିତ୍ୱ ଉପରେ ନିର୍ଭର କରିବ । ବର୍ତ୍ତମାନ ମାମଲାରେ, ତା 12.01.1983 ରିଖର ଅଧିସୂଚନା ପରେ ଆବେଦନକାରୀଙ୍କ ସପକ୍ଷରେ ବିକ୍ରୟ କରାଯାଇଥିଲା । ଏହା ମଧ୍ୟ ଧ୍ୟାନ ଦେବା ପ୍ରାସଙ୍ଗିକ ଯେ ଚକବନ୍ଦୀ ପ୍ରକ୍ରିୟା 10.1.1975 ଏବଂ 20.2.1975 ରେ ସମାପ୍ତ ହୋଇଥିଲା । ବିଦ୍ୱାନ ଏକକ ବିଚାରପତି ମଧ୍ୟ ତାଙ୍କ ସମ୍ମୁଖରେ ରଖାଯାଇଥିବା ସମଗ୍ର ମାମଲାକୁ ବିସ୍ତୃତ ଭାବରେ ବିଚାର କରିଛନ୍ତି ଏବଂ ସଠିକ୍ ଉପସଂହାରରେ ପହଞ୍ଚିଛନ୍ତି ଯାହା ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ସଠିକ୍ ଭାବରେ ନିଶ୍ଚିତ କରାଯାଇଥିଲା । ତେଣୁ, ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ପାରିତ ଆଦେଶରେ ହସ୍ତକ୍ଷେପ କରିବାର କୌଣସି କାରଣ ଆମେ ଦେଖୁ ନାହୁଁ । ତଦନୁସାରେ ଆବେଦନକୁ ଖାରଜ କରାଗଲା । ଖର୍ଚ୍ଚ ବାବଦରେ କୌଣସି ଆଦେଶ ରହିବ ନାହିଁ ।

ଏନ୍. ଜେ. ଆବେଦନକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

ଶ୍ରୀ ଜଟାଧାରୀ ସେଠୀ

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।